بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୧୨ ଅପ୍ରେଲ୍ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

**ଓ୍ୱହଦ୍ ଯୁଦ୍ଧରେ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭକାରୀ ସାହାବା ଓ ସାହାବିୟାତ୍‌ମାନଙ୍କର ଉତ୍ସର୍ଗୀକୃତ ବଳୀଦାନ ଓ ଉକ୍ତ ଯୁଦ୍ଧରେ ଶହିଦ୍‌ମାନଙ୍କ ଉର୍ଦ୍ଧ୍ୱଗାମୀ ସ୍ତରର ବିଶ୍ୱାସବର୍ଦ୍ଧକ ବର୍ଣ୍ଣନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଦୁବି ଆଲୈହିମ୍ ଓ୍ୱଲଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ରମଜାନ ମାସ ପୂର୍ବ ଖୁତ୍‌ବା ଜୁମାରେ ପୈଗମ୍ବର ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ଯୁଦ୍ଧରେ ଅଂଶ ଗ୍ରହଣ କରିବାର ଚର୍ଚ୍ଚା ଚାଲିଥିଲା । ଯେଉଁଥିରେ ହୁଜୁର [ସ.ଅ]ଙ୍କ ଜୀବନୀ ସଂକ୍ରାନ୍ତରେ ଆଲୋକପାତ କରିଥିଲି, ଆଜି ମଧ୍ୟ ସେହି ପରିପ୍ରେକ୍ଷୀରେ କିଛି ତଥ୍ୟ ଉପସ୍ଥାପନ କରିବି ।

ବର୍ଣ୍ଣିତ ରହିଛି ହଜରତ ସାଦ୍ ବିନ୍ ମାଜ୍ [ର.ଅ]ଙ୍କର ମାତା ନିଜ ମୁନିବ ହୁଜୁର [ସ.ଅ]ଙ୍କ ନିକଟରେ ଉପସ୍ଥିତ ହେଲେ ତାଙ୍କୁ ଦେଖି ହଜରତ ସାଦ୍ ହୁଜୁର [ସ.ଅ]ଙ୍କୁ ପ୍ରଶ୍ନ କଲେ କ'ଣ ଏ ମୋର ମାତା ? ସେତେବେଳେ ହୁଜୁର[ସ.ଅ] ଅଶ୍ୱ ଉପରେ ଆରୋହଣ କରିଥିଲେ । ଆପଣ ନିଜ ଘୋଡ଼ା ଅଟକାଇ କହିଲେ; ତାଙ୍କର ସ୍ୱାଗତ କର । ସେ ନିକଟତର ହେଲେ ଏବଂ ହୁଜୁର [ସ.ଅ]ଙ୍କୁ ଚାହିଁ ରହିଲେ । ହୁଜୁର[ସ.ଅ] ତାଙ୍କ ପୁତ୍ର ହଜରତ ଉମରୋ ବିନ୍ ମାଜ୍ [ର.ଅ]ଙ୍କର ଶହିଦ୍ ହୋଇଯିବାର ଶୋକ ବ୍ୟକ୍ତ କରିବାରୁ ସେ କହିଲେ; ଯେତେବେଳେ ମୁଁ ଆପଣ [ସ.ଅ]ଙ୍କୁ ସୁରକ୍ଷିତ ଦେଖିନେଲି ସେତେବେଳେ ମୋର ସମସ୍ତ ଦୁଃଖକଷ୍ଟ ଉଭେଇ ଗଲା । ନବୀଶ୍ରେଷ୍ଠ ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; ତୁମ ପାଇଁ ସୁସମାଚାର ଓ ବାକି ସମସ୍ତ ଶହିଦ୍‌ମାନଙ୍କ ପରିଜନମାନଙ୍କୁ ମଧ୍ୟ ସୁସମାଚାର ଦେଇଦିଅ ଯେ, ସେସମସ୍ତ ନିହତମାନେ ବୈକୁଣ୍ଠରେ ଏକତ୍ର ରହିଛନ୍ତି । ଆଉ ସେ ସଭିଏଁ ନିଜ ପରିଜନମାନଙ୍କ ସକାଶେ (ପ୍ରଭୁଙ୍କ ଛାମୁରେ) ସୁପାରିଶ କରିଛନ୍ତି ।

ହଜରତ ସାଦ୍ [ର.ଅ]ଙ୍କର ମାତା କହିଲେ; ଆମେ ସମସ୍ତେ (ଏଥିରେ) ରାଜି, ଏହି ସୁସମ୍ବାଦ ଶୁଣିବା ପରେ କିଏ ଭଲା ସେମାନଙ୍କ ପାଇଁ ବିଳାପ ରୋଦନ କରିବ । ପୁନଶ୍ଚ ସେମାନେ ହୁଜୁର [ସ.ଅ]ଙ୍କ ନିକଟରେ ନିବେଦନ କଲେ, ହୁଜୁର ସମସ୍ତ ଶହିଦ୍‌ମାନଙ୍କ ପରିଜନଙ୍କ ପାଇଁ ଦୁଆ କରନ୍ତୁ । ଅତଏବ ହୁଜୁର[ସ.ଅ] ଦୁଆ କଲେ ହେ ପ୍ରଭୁ ! ଏମାନଙ୍କ ହୃଦୟରୁ ଦୁଃଖର କଳା ବାଦଲକୁ ହଟାଇ ଦିଅ ଓ ତାଙ୍କ ସମସ୍ୟାକୁ ଦୂର କରିଦିଅ ତଥା ଶହିଦ୍‌ମାନଙ୍କ ଉତ୍ତରାଧିକାରୀଙ୍କୁ ସର୍ବୋତ୍ତମ ଏବଂ ସୁଦକ୍ଷ କରିଦିଅ ।

ହଜରତ ମୁସଲେହ୍ ମଉଦ[ର.ଅ] ମଦିନାର ସେହି ଉତ୍ସର୍ଗୀମାନଙ୍କ ଚର୍ଚ୍ଚା କରି କହନ୍ତି; ବର୍ତ୍ତମାନ ଦେଖ ! ସେହି ବୃଦ୍ଧ ମହିଳା ଯାହାଙ୍କ ଆଖାବାଡ଼ି ଭାଙ୍ଗି ଯାଇଥିଲା କିପରି ଦାମ୍ଭିକତାର ସହିତ ଉତ୍ତର ଦେଲେ କି ମୋ ପୁତ୍ରର ନିଧନ ହୋଇଯିବା ସମ୍ବାଦ ମୋତେ କ'ଣ ଗ୍ରାସ କରିବ । **ଯେତେବେଳେ ଆମ ପ୍ରିୟ ମୁନିବ ଜୀବିତ ଅଛନ୍ତି ସେତେବେଳେ ମୁଁ ସେହି ଦୁଃଖ ଓ ବେଦନାକୁ ବାଟି ପାନ କରିଦେବି ।**

ଆଉ ଏକ ବର୍ଣ୍ଣନାରେ ସେହି ଘଟଣାଟିକୁ ହଜରତ ମୁସଲେହ୍ ମଉଦ[ର.ଅ] ଏପରି ଉଲ୍ଲେଖ କରିଛନ୍ତି, ହେ ଅନସାରଗଣ ! ମୋ ଜୀବନ ତୁମମାନଙ୍କ ସକାଶେ ଉତ୍ସର୍ଗୀତ ତୁମେ କେତେ ପୁଣ୍ୟ ଅର୍ଜନ କରିନେଲ । ଏହିପରି ମହିଳା ସାହାବୀମାନେ ବଳୀଦାନର ଘଟଣାକ୍ରମରେ ହଜରତ ମୁସଲେହ୍ ମଉଦ[ର.ଅ] ଏକ ଅବସରରେ ଅହେମଦିମାନଙ୍କୁ ସମ୍ବୋଧିତ କରି କୁହନ୍ତି; **ଏହି ସେ ମହିଳା ଥିଲେ ଯେ ଇସଲାମର ପ୍ରଚାର ଓ ପ୍ରସାର କରିବାରେ ପୁରୁଷମାନଙ୍କ ସହିତ କାନ୍ଧରେ କାନ୍ଧ ମିଶାଇ ଚାଲିଥିଲେ ଏବଂ ଏ ସେହି ମହିଳା ଯାହାଙ୍କ ଉପରେ ସମଗ୍ର ଇସଲାମୀୟ ଜଗତ ଗର୍ବିତ ।** ତୁମେମାନେ ମଧ୍ୟ ହଜରତ ମସିହ୍ ମଉଦ [ଅ.ସ]ଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବାର ଦାବି କରୁଛ ଏବଂ ଆପଣ[ଅ.ସ] ପୈଗମ୍ବର ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କର ଅନୁରୂପ ଅବତାର । ଅନ୍ୟଅର୍ଥରେ କହିବାକୁ ଗଲେ ତୁମେ ସେହି ମହିଳା ସାହାବୀମାନଙ୍କର ଅନୁରୂପ କିନ୍ତୁ ତୁମେ ସଠିକ୍ ରୂପେ କୁହ କ'ଣ ତୁମମାନଙ୍କ ମଧ୍ୟରେ ଧର୍ମ ପ୍ରତି ସେହି ସ୍ତରର ସେବାସତ୍କାର (ଭାବ) ବିଦ୍ୟମାନ ରହିଛି ଯାହାକି ମହିଳା ସାହାବୀଙ୍କ ଠାରେ ରହିଥିଲା ?

ମହାମାନ୍ୟ ହଜୁର ଅନଓ୍ୱର[ଅ.ବ] କହିଲେ; ଏହି ପରିପ୍ରେକ୍ଷୀରେ କେତେକ ଘଟଣାବଳୀ ଆଲୋଚନା ହୋଇ ସାରିଛି । ଯେମିତି ଏହି ଘଟଣାଟି କିନ୍ତୁ ଏହା ଏପରି ଘଟଣା ଯାହାକି ବାରମ୍ବାର ଓ ବିଭିନ୍ନ ଶୈଳୀରେ ଶୁଣିବା ଦ୍ୱାରା ବିଶ୍ୱାସରେ ଏକ ଅଭୂତପୂର୍ବ ଓ ଆବେଗପୂର୍ଣ୍ଣ ଭାବ ଜାତ ହୋଇଥାଏ । ଇସଲାମର ପ୍ରାରମ୍ଭିକ କାଳର ସେହି ପ୍ରାଣ ଉତ୍ସର୍ଗକାରୀ ମହିଳା ସାହାବୀମାନଙ୍କର ଚର୍ଚ୍ଚା କରି ହଜରତ ମୁସଲେହ୍ ମଉଦ[ର.ଅ] ଏକ ସ୍ଥାନରେ କହିଛନ୍ତି; ସମଗ୍ର ଖ୍ରୀଷ୍ଟଧର୍ମାବଲମ୍ବୀ ମରିୟମ୍ ମଗଦ୍ ଲେନୀ ଓ ତାହାର ସାଥି ମହିଳାମାନଙ୍କ ବୀରତାର ଗାଥା ଏପରି ଆନନ୍ଦ ଉତ୍ସାହର ସହିତ ବର୍ଣ୍ଣନା କରନ୍ତି କି ସେ ପ୍ରଭାତରେ ଯାଇ ଇଶା ମସିହଙ୍କ ସମାଧି ସ୍ଥଳେ ପହଞ୍ଚି ଯାଇଥିଲେ । କିନ୍ତୁ ମୁଁ ତାହାକୁ କହିବାକୁ ଚାହେଁ ଯେ, ଆସ ! ଆସି ମୋର ଏହି ମହାନ ନିଷ୍ଠାପର ଓ ଉତ୍ସର୍ଗୀ (ମହିଳା ସାହାବୀମାନଙ୍କ) ଅବସ୍ଥା ଦେଖ କିପରି ପରିସ୍ଥିତିରେ ସେମାନେ ଆମ ପ୍ରିୟ ନବୀଙ୍କର ସାହାଯ୍ୟ ସହଯୋଗ କରିଥିଲେ । **ଆଉ କିଭଳି ଉତ୍କଟ ଓ ମହାବିପତ୍ତି ସମୟରେ ସେମାନେ ଏକେଶ୍ୱରବାଦର ଧ୍ୱଜାକୁ ଉତ୍‌ଥାନ କରିଥିଲେ ।**

ଯେତେବେଳେ ଇସଲାମର ପ୍ରାଣ ପ୍ରତିଷ୍ଠାତା ମୁହମ୍ମଦ[ସ.ଅ] ଓ୍ୱହଦ୍ ଯୁଦ୍ଧ ପରେ ମଦିନାରେ ପହଞ୍ଚିଲେ ସେତେବେଳେ କପଟବିଶ୍ୱାସୀ ଓ ୟହୁଦୀମାନେ ପ୍ରଫୁଲ୍ଲ ମନରେ ନାଚି ଉଠିଲେ ଏବଂ ମୁସଲମାନମାନଙ୍କୁ ପରିହାସ ପୂର୍ବକ କଟୁଭାଷା କହିଲେ । ଆହୁରି କହିଲେ, କି ମୁହମ୍ମଦ ରାଜା ହେବାର ସ୍ୱପ୍ନ ଦେଖୁଛନ୍ତି (ନଉଜୁବିଲ୍ଲା) ଏବଂ ଏପରି ପରାଜୟ ଓ ହାନି ଆଜି ପର୍ଯ୍ୟନ୍ତ କେହି ନବୀ ସହ୍ୟ କରି ନଥିବେ ଯେପରି ତାଙ୍କର ହୋଇଛି । ଅର୍ଥାତ ନିଜେ କ୍ଷତାକ୍ତ ହେଲେ ଏବଂ ନିଜ ଅନୁଚରମାନଙ୍କର ମଧ୍ୟ ଅନର୍ଥ କଲେ ଅର୍ଥାତ ଅପରିମିତ କ୍ଷତି ଘଟାଇଲେ । ଅଧିକନ୍ତୁ କହିଲେ; ଯଦି ତୁମର ସେହି ଲୋକମାନେ ଆମ ସହିତ ଥାନ୍ତେ ତେବେ କଦାପି ନିହତ ହୋଇ ନଥାନ୍ତେ । ହଜରତ ଉମର[ର.ଅ] ଏପରି ମତ ବ୍ୟକ୍ତ କରିଥିବା ଲୋକମାନଙ୍କୁ ହତ୍ୟା କରିଦେବାର ଅନୁମତି ମାଗିଲେ । ଏଥିରେ ନବୀଶିରୋମଣୀ କହିଲେ; କ'ଣ ସେମାନେ ଏହି ସାକ୍ଷ୍ୟ ଦେଉ ନାହାନ୍ତି କି ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହାନ୍ତି ଏବଂ ମୁଁ ପରମାତ୍ମାଙ୍କ ପ୍ରେରିତ ଦୂତ ? କ'ଣ ଏମାନେ କଲ୍‌ମା ପାଠ କରୁନାହାନ୍ତି ? ହଜରତ ଉମର[ର.ଅ] ଉତ୍ତର ଦେଲେ; ହଁ କାହିଁକି ନୁହେଁ ! କଲ୍‌ମା ତ ପାଠ କରୁଛନ୍ତି, କିନ୍ତୁ ଖଣ୍ଡାର ଭୟରେ । ନଚେତ ଏପରି କଟାକ୍ଷ କାହିଁ ପ୍ରୟୋଗ କରୁଥାନ୍ତେ । ଏବେ

ସେମାନଙ୍କ ଉଦ୍ଦେଶ୍ୟ ପ୍ରକାଶ୍ୟ ହୋଇଯାଇଛି ଏବଂ ସେମାନେ ନିଜ ଅନ୍ତରର ଭାବ ପ୍ରକଟ କରି ଦେଇଛନ୍ତି, ବରଂ ଐଶ୍ୱର୍ଯ୍ୟମୟ ପ୍ରଭୁ ସେମାନଙ୍କ ଖଳ ପ୍ରବୃତ୍ତିକୁ ଜାହିର କରି ଦେଇଛନ୍ତି । ତେଣୁ ବର୍ତ୍ତମାନ ସେମାନଙ୍କ ଠାରୁ ପ୍ରତିଶୋଧ ନେବା ଉଚିତ୍ । ହଜରତ ମୁହମ୍ମଦ[ସ.ଅ] କହିଲେ; ଯେଉଁ ବ୍ୟକ୍ତି ଲାଇଲାହା ଇଲଲ୍ଲାଃ ମୁହମ୍ମଦୁର୍ ରସୁଲୁଲ୍ଲାଃର ସାକ୍ଷ୍ୟ ଦେଲା, ତାହାକୁ ହତ୍ୟା କରିବାକୁ ମୋତେ ବାରଣ କରାଯାଇଛି ।

ମହାମହିମ ହଜୁର ଅନଓ୍ୱର[ଅ.ବ] କହିଲେ; ପବିତ୍ର ଅବତାର ହଜରତ ମୁହମ୍ମଦ [ସ.ଅ]ଙ୍କର ଏହି ସ୍ୱଷ୍ଟୋକ୍ତି ସେହି ନାମକୁ ମାତ୍ର ଧର୍ମଗୁରୁ ବୋଲାଉଥିବା ଲୋକମାନଙ୍କ ମୁହଁ ବନ୍ଦ କରିବା ସକାଶେ ଯଥେଷ୍ଟ । ଯେଉଁମାନେ ଅହେମଦିୟତ୍ ସଂକ୍ରାନ୍ତରେ, ଯଦିଚ ଅହେମଦୀମାନଙ୍କ ଠାରେ କପଟତାର ଆଂଶିକ ମାତ୍ର ଚିହ୍ନବର୍ତ୍ତ ନାହିଁ । ତଥାପି ଆମମାନଙ୍କୁ ଅମାନ୍ୟକାରୀ ବୋଲି ଘୋଷିତ କରାଯାଇଛି ଏବଂ କୁହାଯାଇଛି କି ସେମାନଙ୍କୁ ବଧ କରିବା ବୈଧ । ସେହି ନାମକୁ ମାତ୍ର ବିଦ୍ୱାନ ଅଥବା ପଣ୍ଡିତମାନେ ଇସଲାମକୁ ବଦନାମ କରୁଛନ୍ତି ।

ଓ୍ୱହଦ୍ ଯୁଦ୍ଧର ଶହିଦ୍‌ମାନଙ୍କ ଜନାଯାଃ ପାଠ କରିବା ସଂକ୍ରାନ୍ତରେ ହଦିସ୍‌ର ପୁସ୍ତକ ସହି ବୁଖାରୀରେ ବର୍ଣ୍ଣିତ ରହିଛି । ଯେଉଁଥିରୁ ସେମାନଙ୍କ ଉଚ୍ଚ ପଦମର୍ଯ୍ୟାଦା ଓ ସ୍ତର ପ୍ରତୀତ ହେଉଛି । ଉକ୍‌ବା ବିନ୍ ଆମିର୍ ବର୍ଣ୍ଣନା କରନ୍ତି, ପୈଗମ୍ବର ମୁହମ୍ମଦ[ସ.ଅ] ଦୀର୍ଘ ଆଠ ବର୍ଷ ପରେ ଓ୍ୱହଦ୍ ଯୁଦ୍ଧର ଶହିଦ୍‌ମାନଙ୍କ ଜନାଯାଃ ପାଠ କରିଥିଲେ । ସେଥିଅନ୍ତେ ମଞ୍ଚ ଉପରେ ଚଢି କହିଲେ; ମୁଁ ତୁମ ପ୍ରଧାନ ଓ ଅଗ୍ରଣୀ । ଆଉ ମୁଁ ତୁମମାନଙ୍କ ସକାଶେ ସାକ୍ଷ୍ୟ ଦେବି । ମୁଁ ତୁମମାନଙ୍କ ସହିତ ହୌଜେ କୌଶର (ବୈକୁଣ୍ଠ ପୁର)ରେ ସାକ୍ଷାତ କରିବି । ମୁଁ ନିଜର ଛିଡ଼ା ହୋଇଥିବା ସ୍ଥାନକୁ ଦେଖି ପାରୁଛି, ତୁମମାନଙ୍କ ସକାଶେ ମୋତେ ଏହି ଭୟ ନାହିଁ ଯେ, ତୁମେମାନେ ଅନେକେଶ୍ୱରବାଦୀ ପାଲଟି ଯିବ । **କିନ୍ତୁ ମୋତେ ତୁମମାନଙ୍କ ସକାଶେ ଏହି ଭୟ ଘାରୁଛି କି ତୁମେମାନେ ସଂସାରୀ ପାଲଟି ନଯାଅ ।** ଆଉ ତାହାର ପ୍ରାପ୍ତି ନିମନ୍ତେ ତୁମେ ପରସ୍ପରର ସହିତ ପ୍ରତିଦ୍ୱନ୍ଦିତା କର ।

ହଜରତ ଜାବିର୍[ର.ଅ] ବର୍ଣ୍ଣନା କରନ୍ତି, ପବିତ୍ର ଅବତାର କହିଲେ; ପ୍ରଭୁଙ୍କ ରାଣ ! ଯେତେବେଳେ ମୋତେ ଓ୍ୱହଦ୍‌ର ଶହିଦ୍‌ମାନେ ମନେ ପଡ଼ନ୍ତି ସେତେବେଳେ ମୋ ଅନ୍ତରରେ ଏହି ଉତ୍କଣ୍ଠା ଉଙ୍କି ମାରିଥାଏ କି ସମ୍ଭବତଃ ମୁଁ ମଧ୍ୟ ନିଜ ସାଥିମାନଙ୍କ ସହିତ ଦର୍‌ରା (ଗିରିଶୃଙ୍ଗ)ରେ ରହିଯାଇଥାନ୍ତି ଅର୍ଥାତ ଶହିଦ୍ ହୋଇ ଯାଇଥା'ନ୍ତି ।

ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ଓ୍ୱହଦ୍ ଯୁଦ୍ଧର ଶହିଦ୍‌ମାନଙ୍କ କବର (ସମାଧି) ନିକଟକୁ ଗଲେ ଏବଂ ଏହି ଦୁଆ କଲେ ହେ ଅଲ୍ଲାଃ ! ନିଃସନ୍ଦେହ ରୂପେ ମୁଁ ତୁମ ଭକ୍ତ ଓ ନବୀ । ମୁଁ ସାକ୍ଷ୍ୟ ଦେଉଛି କି ଏ ସଭିଏଁ ଶହିଦ୍‌ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ଯେଉଁମାନେ ଏମାନଙ୍କର କବର ପରିଦର୍ଶନ କରି ଅନ୍ତିମ ଦିବସ ପର୍ଯ୍ୟନ୍ତ ତାଙ୍କ ପାଇଁ ସଲାମ ପ୍ରେରଣ କରିବେ ତେବେ ସେମାନେ ତାହାର ଉତ୍ତର ଦେବେ । ହୁଜୁର[ସ.ଅ] ଓ୍ୱହଦ୍ ଯୁଦ୍ଧର ଶହିଦ୍‌ମାନଙ୍କ ସଂକ୍ରାନ୍ତରେ କହିଲେ; ଏମାନଙ୍କ ସକାଶେ ମୁଁ ସାକ୍ଷୀ ଦେବି । ବର୍ଣ୍ଣିତ ରହିଛି ଯେ, ହୁଜୁର[ସ.ଅ] ପ୍ରତିବର୍ଷ ଆରମ୍ଭରେ ଓ୍ୱହଦ୍ ଯୁଦ୍ଧର ଶହିଦ୍‌ମାନଙ୍କ କବର ନିକଟକୁ ଯାଉଥିଲେ । ବର୍ଣ୍ଣନାକାରୀ କୁହନ୍ତି; ପରବର୍ତ୍ତୀ ସମୟରେ ହଜରତ ଅବୁବକର[ର.ଅ], ହଜରତ ଉମର[ର.ଅ] ଓ ହଜରତ ଉସମାନ[ର.ଅ] ମଧ୍ୟ ସେହିପରି ଉକ୍ତ ଶହିଦ୍‌ମାନଙ୍କ କବର ନିକଟକୁ ଯାଇ (ଦୁଆ) କରୁଥିଲେ ।

ଓ୍ୱହଦ୍ ଯୁଦ୍ଧରେ ହଜରତ ବିଶର୍ [ର.ଅ]ଙ୍କର ପିତା ମଧ୍ୟ ଶହିଦ୍ ହୋଇଥିଲେ । ସେ ନିଜ ପିତାଙ୍କ ପାଇଁ ରୋଦନ କରୁଥିଲେ ସେତିକିବେଳେ ସେହି ମାର୍ଗରେ ହୁଜୁର[ସ.ଅ] ଅତିକ୍ରମ କଲେ । ତାଙ୍କୁ ଦେଖି ହୁଜୁର[ସ.ଅ]

କହିଲେ; ଶାନ୍ତ ହୁଅ । କ'ଣ ତୁମେ ଏଥିରେ ପ୍ରସନ୍ନିତ ନାହଁ ଯେ, ମୁଁ ତୁମର ପିତା ଓ ଆଏଶା[ର.ଅ] ତୁମ ମାତା ହୋଇଯାନ୍ତୁ । ବିଶର୍ ଉତ୍ତର ଦେଲେ ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! କାହିଁକି ନୁହେଁ, ଏହା ଠାରୁ ବଳି ଆଉ ଆନନ୍ଦର କଥା କ'ଣ ବା ହୋଇପାରେ । ସେଥିଅନ୍ତେ ହୁଜୁର[ସ.ଅ] ତାଙ୍କ ମୁଣ୍ଡ ଉପରେ ହାତ ବୁଲାଇ ଆଣିଲେ । ଯେତେବେଳେ ହଜରତ ବିଶର୍ ପରିଣତି ଅବସ୍ଥାରେ ଉପନୀତ ହେଲେ ସେତେବେଳେ ତାଙ୍କ ମସ୍ତକର ସମସ୍ତ କେଶ ଧବଳ ରଙ୍ଗ ପାଲଟି ଯାଇଥିଲା କିନ୍ତୁ ଯେଉଁ ଅଂଶରେ ହୁଜୁର [ସ.ଅ]ଙ୍କର ପବିତ୍ର ହସ୍ତ ସ୍ପର୍ଶ କରିଥିଲା ତାହା ଅପରିବର୍ତ୍ତିତ ରହିଥିଲା ଅର୍ଥାତ କଳା ବର୍ଣ୍ଣ ରହିଥିଲା । **ହଜରତ ବିଶର୍ [ର.ଅ]ଙ୍କର କଥନ ଶୈଳୀ ଅସ୍ପଷ୍ଟ ଥିଲା । ନବୀଶ୍ରେଷ୍ଠଙ୍କ ଦମ୍ (ଦୁଆ) କରିବା ଫଳରେ ତାଙ୍କର ସେହି ଦୁର୍ବଳତା (ସଦାସର୍ବଦା ପାଇଁ) ଦୂର ହୋଇଗଲା ।**

ଏହି ଚର୍ଚ୍ଚା ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ । ତତ୍ ପଶ୍ଚାତ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ମଧ୍ୟଏସିଆ ଓ ବିଶ୍ୱର ସଙ୍କଟାପର୍ଣ୍ଣ ପରିସ୍ଥିତି ପାଇଁ ଦୁଆ ଜାରି ରଖିବେ । ଅବସ୍ଥା ତ ଦିନ ପ୍ରତିଦିନ ଶୋଚନୀୟ ହୋଇଚାଲିଛି । ଆଶଙ୍କା ରହିଛି ଯେ, ଇରାନ ପାଲଟା ଆକ୍ରମଣ କରି ଯୁଦ୍ଧକୁ ଅଧିକ ବ୍ୟାପକ କରି ଦେବ । ଅଲ୍ଲାଃତାଲା ମାନବ ଜାତି ଉପରେ ଦୟାବତୀର୍ଣ୍ଣ କରନ୍ତୁ । କାଲି ଏହି ଖବର ଶୁଣିବାକୁ ମିଳିଲା ଯେ, ୟମନ୍‌ରେ କିଛି କଏଦୀମାନଙ୍କୁ କାରାମୁକ୍ତ କରାଯାଇଛି, ବରଂ ଅଧିକାଂଶକୁ ମୁକ୍ତ କରି ଦିଆଯାଇଛି । ଆଉ ଅଳ୍ପ କିଛି (କଏଦୀ) ରହିଯାଇଛନ୍ତି, ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବେ ଅଲ୍ଲାଃତାଲା ହାକିମମାନଙ୍କ ହୃଦୟ ସମ୍ପୃକ୍ତ କଏଦୀମାନଙ୍କ ସକାଶେ ପରିଷ୍କାର କରିଦିଅନ୍ତୁ । ବିଶେଷ କରି ଜଣେ ମହିଳା କଏଦୀ ଯେ କି ସେଠାକାର ସଦର ଲଜ୍‌ନା, ଅଲ୍ଲାଃତାଲା ତାଙ୍କୁ ଶୀଘ୍ର କାରାମୁକ୍ତ କରିବା ନିମନ୍ତେ ଦୁଆ କରିବେ ।

ପରିଶେଷରେ ମହାମାନ୍ୟ ହୁଜୁର ଅନୱର[ଅ.ବ] ଶ୍ରୀମାନ ମୁସ୍ତଫା ଅହେମଦ ଖାନ୍ ସାହେବ ପୁତ୍ର ହଜରତ ନୱାବ ଅବଦୁଲ୍ଲାଃ ଖାନ୍ ସାହେବ ଓ ହଜରତ ଅମତୁଲ୍ ହଫିଜ୍ ବେଗମ୍ ସାହେବା । ସେ ହଜରତ ମସିହ୍ ମଉଦ [ଅ.ସ]ଙ୍କର ସର୍ବକନିଷ୍ଠ ନାତି ଥିଲେ । ଦ୍ୱିତୀୟ ମୃତକ ଶ୍ରୀମାନ ଡ଼ାଃ ମିର୍ ଦାଉଦ୍ ଅହେମଦ ସାହେବ ଆମେରିକା ନିବାସୀଙ୍କର ଜନାଯାଃ ଗାଏବ ପାଠ କରିବାର ଘୋଷଣା କରିବା ପରେ ସେମାନଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ସେଥିଅନ୍ତେ ପ୍ରିୟ ହୁଜୁର ଅନୱର[ଅ.ବ] ସେମାନଙ୍କ ନିମନ୍ତେ କ୍ଷମା ପ୍ରାର୍ଥନା କଲେ ଏବଂ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈହି ୱ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ୱ ମିନ୍ ସୟିଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଯିକ୍‌ରୁଲ୍ଲାହି ଅକ୍‌ବର୍ ।